# 3rd India-Australia-Japan-USA Quad Ministerial Meeting

February 18, 2021

---

# ତୃତୀୟ ଭାରତ-ଅଷ୍ଟ୍ରେଲିଆ-ଜାପାନ-ଆମେରିକା ଚତୁର୍କୋଣୀୟ ମନ୍ତ୍ରୀସ୍ତରୀୟ ବୈଠକ

**ଫେବୃଆରୀ 18, 2021**

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ନିଜର ପ୍ରତିପକ୍ଷ ବୈଦେଶିକ ମନ୍ତ୍ରୀ ମାରିସ୍ ପେନ୍, ବୈଦେଶିକ ମନ୍ତ୍ରୀ ତୋସିମିଟସୁ ମୋଟେଗୀ ଏବଂ ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କେନଙ୍କ ସହ 18 ଫେବୃଆରୀ 2021 ରେ ତୃତୀୟ ଭାରତ-ଅଷ୍ଟ୍ରେଲିଆ-ଜାପାନ-ଆମେରିକା ଚତୁର୍କୋଣୀୟ ମନ୍ତ୍ରୀସ୍ତରୀୟ ବୈଠକରେ ଅଂଶଗ୍ରହଣ କରିଥିଲେ।

ରାଜନୈତିକ ଗଣତନ୍ତ୍ର, ବଜାର ଅର୍ଥନୀତି ଏବଂ ବହୁମୁଖୀ ସମାଜ ଉପରେ ମନ୍ତ୍ରୀମାନେ ସେମାନଙ୍କର ଭାଗିଦାରୀତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେମାନେ ସ୍ୱୀକାର କରିଥିଲେଯେ ଦୁନିଆରେ ଚାଲିଥିବା ପରିବର୍ତ୍ତନଗୁଡିକ ସେମାନଙ୍କ ଦେଶମାନଙ୍କୁ ଏକତ୍ର କରିବାରେ ଦୃଢ ସହାୟ ହେବ। ବିଶ୍ୱ ସମୁଦାୟ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯେ ପରିବର୍ତ୍ତନର ଦିଗ ସମସ୍ତଙ୍କ ପାଇଁ ସକରାତ୍ମକ ଏବଂ ଲାଭଦାୟକ ହେଉ।

ଆଞ୍ଚଳିକ ଅଖଣ୍ଡତା ତଥା ସାର୍ବଭୌମତ୍ୱ, ଆଇନ ଅନୁଯାୟୀ ଶାସନ, ପାରଦର୍ଶିତା, ଅନ୍ତର୍ଜାତୀୟ ସମୁଦ୍ରରେ ନୌପରିବହନର ସ୍ୱାଧୀନତା ଏବଂ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଏକ ନିୟମ ଆଧାରିତ ଆନ୍ତର୍ଜାତୀୟ ଶୃଙ୍ଖଳା ରକ୍ଷା କରିବାକୁ ମନ୍ତ୍ରୀମାନେ ସେମାନଙ୍କର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏକ ମୁକ୍ତ, ଖୋଲା ଏବଂ ଅନ୍ତର୍ଭୂକ୍ତ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ସେମାନଙ୍କର ପାରସ୍ପରିକ ଦୃଷ୍ଟିକୋଣର ପୁନରାବୃତ୍ତି, ଆସିଆନ ସମନ୍ୱୟ ଏବଂ କେନ୍ଦ୍ରୀୟତା ପାଇଁ ସ୍ପଷ୍ଟ ସମର୍ଥନ ସହିତ ଆଞ୍ଚଳିକ ପ୍ରସଙ୍ଗଗୁଡିକ ଉପରେ ସେମାନେ ମତ ବିନିମୟ କରିଥିଲେ। ଏହା ଲକ୍ଷ୍ୟ କରାଯାଇଛିଯେ ଭାରତ-ପ୍ରଶାନ୍ତ ମହାସାଗର ବିଷୟବସ୍ତୁ ପ୍ରତି ୟୁରୋପ ସମେତ ଆନ୍ତର୍ଜାତୀୟ ସମର୍ଥନ ବୃଦ୍ଧି ପାଉଛି।

ଟୀକାକରଣ କାର୍ଯ୍ୟକ୍ରମ ସମେତ କୋଭିଡ-19 ମହାମାରୀର ମୁକାବିଲା ପାଇଁ ମନ୍ତ୍ରୀମାନେ ଚାଲିଥିବା ପ୍ରୟାସ ଉପରେ ଆଲୋଚନା କରିଥିଲେ। ଏହି ସମସ୍ୟାର ମୁକାବିଲା କରିବାରେ, ସୁଲଭ ଟିକା, ଔଷଧ ଏବଂ ଚିକିତ୍ସା ଉପକରଣ ଯୋଗାଣକୁ ବୃଦ୍ଧି କରିବାରେ ସେମାନେ ସହଯୋଗ କରିବାକୁ ନିଜର ପ୍ରତିବଦ୍ଧତା ପ୍ରକାଶ କରିଥିଲେ। 74ଟି ଦେଶକୁ ଟୀକା ଯୋଗାଇବା ପାଇଁ ଭାରତର ପ୍ରୟାସକୁ ଉଲ୍ଲେଖ କରି ପ୍ରଶଂସା କରାଯାଇଥିଲା।

ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ସାମୁଦ୍ରିକ ସୁରକ୍ଷା, ମାନବିକ ସହାୟତା ଏବଂ ବିପର୍ଯ୍ୟୟ ପ୍ରଶମନ ସହାୟତା, ଯୋଗାଣ ଶୃଙ୍ଖଳାରେ ସ୍ଥିରତା ଏବଂ ଆତଙ୍କବାଦର ମୁକାବିଲା ପରି କ୍ଷେତ୍ରରେ ସହଯୋଗକୁ ଆଗକୁ ବଢାଇବା ପାଇଁ ମନ୍ତ୍ରୀମାନେ ମତ ବିନିମୟ କରିଥିଲେ।

ମିଆଁମାରର ସାମ୍ପ୍ରତିକ ବିକାଶ ସମ୍ପର୍କିତ ଆଲୋଚନାରେ ଆଇନ ଅନୁଯାୟୀ ଶାସନ ଏବଂ ଗଣତାନ୍ତ୍ରିକ ପରିବର୍ତ୍ତନ ପାଇଁ ଭାରତ ନିଜର ମତକୁ ଦୋହରାଇଛି। ନିୟମିତ ମନ୍ତ୍ରୀସ୍ତରୀୟ ବିଚାର ବିମର୍ଷର ମୂଲ୍ୟ ରହିଛି ବୋଲି ଲକ୍ଷ୍ୟ କରି ମନ୍ତ୍ରୀମାନେ ଏହି ଉପଯୋଗୀ ଆଲୋଚନା ଜାରି ରଖିବାକୁ ରାଜି ହୋଇଛନ୍ତି।

**ନୂଆଦିଲ୍ଲୀ**
**ଫେବୃଆରୀ 18, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.